**ଅପହୃତା ୨ ନାବାଳିକା ଉଦ୍ଧାର**

ମୋରଡ଼ା,(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଅପହୃତା ୨ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଡ଼ସାହି ଥାନା ଉଠାଣିନୂଆଗାଁର ରାହୁଲ ସେଠୀ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୩୯୫/୨୩) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ସେହିପରି ଅନ୍ୟଜଣେ ନାବାଳିକାଙ୍କୁ ଖୁଣ୍ଟା ଥାନା ଟିଆକାଠି ଅଞ୍ଚଳର ଦୀପକ ମହାନ୍ତ ଅପହରଣ କରି ନେଇଥିବା ନାବାଳିକାଙ୍କ ମା’ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୩୯୯/୨୩) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ପାଟଣା,୧୩।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମୁରୁସୁଆଁ ପଞ୍ଚାୟତ କିଆପଡ଼ା ଗ୍ରାମର ସନ୍ତୋଷ ଦାସ(୨୫)। ନାବାଳିକା ଗୁରୁବାର ବ୍ୟାଙ୍କ କାମରେ ଯାଇ ଆଉ ଘରକୁ ଫେରି ନ ଥିଲେ। ଯୁବକ ତାଙ୍କୁ କିଆପଡ଼ା ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ନିଖୋଜ ନେଇ ତାଙ୍କ ମାମୁ ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୧୯୭/୨୩)ରୁଜୁ ହୋଇଥିଲା। ପରିବାର ଲୋକେ ଶନିବାର ନାବାଳିକାଙ୍କୁ ଯୁବକଙ୍କ ନିକଟରୁ ଉଦ୍ଧାର କରିଥିଲେ। ରବିବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା ହୋଇଥିବା ପୋଲିସ କହିଛି।

### ଗଛରୁ ପଡ଼ି ବାଳକ ମୃତ

ଠାକୁରମୁଣ୍ଡା,୧୩।୧୧(ତାରାକାନ୍ତ ପଟ୍ଟନାୟକ)- ମହୁଲଡ଼ିହା ଥାନା ଅଧୀନ କେଶଡିହା ଗ୍ରାମରେ ସୋମବାର ଅପରାହ୍ନରେ ଗଛରୁ ପଡ଼ି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଗୁନ ହେମ୍ବ୍ରମଙ୍କ ପୁଅ ଶୁକ୍ରା(୧୦)। ସୂଚନା ଅନୁଯାୟୀ, ବାଗୁନ ରାଜ୍ୟ ବାହାରେ କାମ କରୁଛନ୍ତି। ଘରେ ତାଙ୍କର ସ୍ତ୍ରୀ ଏବଂ ୩ ସନ୍ତାନ ରୁହନ୍ତି। ବଡ଼ ପୁଅ ଶୁକ୍ରା ଅପରାହ୍ନରେ ଗୋଟିଏ ଗଛକୁ ଚଢ଼ି ଯାଇଥିଲା। ତେବେ ଅସାବଧାନତାରୁ ସେ ତଳକୁ ଖସିପଡ଼ି ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକ ତାକୁ ସଙ୍ଗେ ସଙ୍ଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମହୁଲଡିହା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୩)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ହତ୍ୟା ମାମଲା
### ୫ ମାସ ପରେ ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ବାହାନଗା, ୧୩।୧୧(ଅରୂପ୍ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଜିରିତାଳ ଗ୍ରାମରେ ଖତ ଗଦାରେ ପାଣି ପଶିବା ଘଟଣା ନେଇ ଜଣଙ୍କୁ ପିଟି ହତ୍ୟା କରାଯାଇଥିଲା। ଦୀର୍ଘ ୫ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଖନ୍ତାପଡା ଥାନା ପୋଲିସ ରବିବାର ଭୁବନେଶ୍ୱରରୁ ଗିରଫ କରିଛି। ଏନେଇ ଖନ୍ତାପଡା ଥାନାରେ ମୃତକଙ୍କ ପୁଅ ଅଭିଯୋଗ କରିବା ପରେ ସେତେବେଳେ ଏକ ମାମଲା(ନଂ. ୧୭୧/୨୩) ରୁଜୁ କରାଯାଇଥିଲା । ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରାଯାଇଥିଲା। ଜିରିତାଳ ଗ୍ରାମର ଯୋଗେନ୍ଦ୍ର ସଙ୍କ ଘରର ଦକ୍ଷିଣ ପଟେ ଚୈତନ୍ୟ ରାଉତଙ୍କ ଘର। ତେବେ ଚୈତନ୍ୟ ନିଜ ଘର ସମ୍ମୁଖରେ ଏକ ଗୋବର ଗଦା କରିଥିଲେ। ଗୋବର ଗଦାରେ ବର୍ଷା ଦିନରେ ପାଣି ଭର୍ତ୍ତି ହୋଇ ଯୋଗେନ୍ଦ୍ରଙ୍କ ଅଗଣାକୁ ବହିଯାଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଏଥିରେ ଯୋଗେନ୍ଦ୍ରଙ୍କୁ ଚୈତନ୍ୟ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ପିଟିପିଟିଜୀବନରୁମାରିଦେଇଥିଲେ।ଏନେଇ ଅଭିଯୋଗ ପରେ ପୋଲିସ ଜୁଲାଇ ୨୭ରେ ଚୈତନ୍ୟଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଗିରଫ କରିଥିଲା। ଚୈତନ୍ୟ ସେହିଦିନଠାରୁ ଫେରାର ଥିଲେ ।

### ଗୋରୁ ବୋଝେଇ କଣ୍ଟେନର ଜବତ

ଘସିପୁରା,୧୩।୧୧(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ହସନପୁର ଟୋଲ ଗେଟ୍ ନିକଟରେ ବେଆଇନ ଗୋ-ଚାଲାଣ ବେଳେ ଏକ କଣ୍ଟେନରକୁ ପୋଲିସ ଜବତ କରିଛି। ଜବତ କଣ୍ଟେନରରେ ଦୁଇ ଥାକରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଗୋରୁ ରହିଥିଲେ। ୩ ଗୋରୁ ମୃତ୍ୟୁବରଣ କରିଥିବାବେଳେ ଅନେକ ଅସୁସ୍ଥ ହୋଇପଡ଼ିଥିବା ସୂଚନା ମିଳିଛି। ଅସୁସ୍ଥ ଗୋରୁମାନଙ୍କର ସ୍ଥାନୀୟ ପଶୁ ଚିକିତ୍ସାଧିକାରୀଙ୍କ ଦ୍ୱାରା ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବେଆଇନ୍ ଭାବେ କଣ୍ଟେନର ଯୋଗେ ଗୋ-ଚାଲାଣ ହେଉଥିବା ଖବର ପାଇ କାଞ୍ଚିପାଣି ପୋଲିସ ଘାଟି ରାସ୍ତାରେ ୩ କଣ୍ଟେନରକୁ ଅଟକ ରଖିଥିବା ବେଳେ ଗୋଟିଏ କଣ୍ଟେନର ଖସି ଆନନ୍ଦପୁର ଆଡ଼କୁ ପଳାଇଆସିଥିଲା। ପୋଲିସ ପିଛା କରି ହସନପୁର ଟୋଲଗେଟ୍ ନିକଟରୁ ଜବତ କରିବା ପରେ କାଞ୍ଚିପାଣିକୁ ନିଆଯାଇଥିବା ରାମଚନ୍ଦ୍ରପୁର ଥାନା ପକ୍ଷରୁ ସୂଚନା ମିଳିଛି।

# ବୈତରଣୀ ନଦୀଶଯ୍ୟାରୁ ବାଲି, ପଥର ଉଠାଣ

## ବିପଦ ବଢ଼ୁଛି, ରାଜସ୍ୱ ବିଭାଗ ନୀରବ

ଝୁମ୍ପୁରା,୧୩।୧୧(ଶଶିଭୂଷଣ ସାହୁ)

କେନ୍ଦୁଝର ଝୁମ୍ପୁରା ତହସିଲ ଅନ୍ତର୍ଗତ ମଲଦା ରାଜସ୍ୱ ସର୍କଲରେ ଉନ୍ନୟନମୂଳକ କାମ ଆଳ ଦେଖାଇ ପ୍ରକୃତି ପ୍ରଦତ୍ତ ନଦୀ, ଝରଣା, ଜଙ୍ଗଲ ଆଦି ଲଘୁ ଖଣିଜ ନଷ୍ଟ କରାଯାଉଛି। ରାଜସ୍ୱ ବିଭାଗର ନୀରବତା କାରଣରୁ ରାଜସ୍ୱ କ୍ଷତି ହେଉଛି। ଏ ନେଇ ଭିନ୍ନ ଭିନ୍ନ ସମୟରେ ସ୍ଥାନୀୟ ବାସିନ୍ଦା ରାଜସ୍ୱ ସର୍କଲରେ ଅଭିଯୋଗ ତଥା ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ସମ୍ପୃକ୍ତ ଅଧିକାରୀ ଉକ୍ତ ଜାଗା ଦେଖିବା ପାଇଁ ମଧ୍ୟ ଯାଉ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଆବଶ୍ୟକତା ଦୃଷ୍ଟିରୁ ମଲଦା ପଞ୍ଚାୟତର ପଟୁଆକୁଦ- ବସନ୍ତପୁର ରାସ୍ତାର ବୈତରଣୀ ନଦୀ ଉପରେ ବିଜୁସେତୁ ଯୋଜନାରେ ଏକ ପୋଲ ନିର୍ମାଣାଧୀନ ରହିଛି। କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ (ଡିଭିଜନ-୨) ଦ୍ୱାରା ଟେଣ୍ଡର କରାଯାଇ ନିର୍ମାଣାଧୀନ



ପୋକ୍ଲିନ୍ ଦ୍ୱାରା ବାଲି, ପଥର ଉଠାଯାଉଛି।

ପୋଲର ବ୍ୟୟ ଅଟକଳ ୯ କୋଟି ୪୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରହିଛି। ସୂଚନା ଫଳକ ଅନୁଯାୟୀ, ପୋଲ ନିର୍ମାଣ ୪ ଏପ୍ରିଲ ୨୦୧୮ ମସିହାରେ ଶେଷ ହେବାର ଥିଲେ ହେଁ କାମ ଏଯାଏ ସରିନାହିଁ। ପୋଲ ନିର୍ମାଣରେ ଅନିୟମିତତା ନେଇ ପୂର୍ବରୁ ଅଭିଯୋଗ ରହିଛି। ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଠିକାଦାର ସବୁ ସମୟରେ ସ୍ଥାନୀୟ ବାସିନ୍ଦାଙ୍କୁ ଧମକ ଦେବା ସହ ନିଜର ମନମାନିରେ କାମ କରୁଛନ୍ତି। ବର୍ତ୍ତମାନ ପୋଲର ଆପ୍ରୋଚ୍ ରାସ୍ତା ନିର୍ମାଣ ଚାଲୁ ରହିଥିବା ବେଳେ ଠିକାଦାର ସଂସ୍ଥା ବୈତରଣୀ ନଦୀଶଯ୍ୟାରୁ ବେନିୟମ ଭାବେ ବାଲି, ପଥର ଉଠାଇ ଆପ୍ରୋଚ୍ ରାସ୍ତା ନିର୍ମାଣ କରିବାରେ ଲାଗିପଡ଼ିଛି। ଏହି ଜାଗାରେ ସାଧାରଣତଃ ନଦୀର ସ୍ରୋତ ଖୁବ୍ ପ୍ରଖର ହୋଇଥାଏ। ନଦୀଶଯ୍ୟାରୁ ବାଲି ପଥର ଉଠାଇବା ଯୋଗୁ ନଦୀର ଗତିପଥ ବଦଳିବା ଆଶଙ୍କା ସ୍ଥାନୀୟ ବାସିନ୍ଦାଙ୍କ ମନରେ ଭୟ ସୃଷ୍ଟି କରୁଛି। ନଦୀରେ ପୋକ୍ଲିନ୍ ମେଶିନ ଲଗାଇ ହାଇୱା ଗାଡ଼ି ସାହାଯ୍ୟରେ ବାଲିପଥର ବୁହାଯାଉଥିଲେ ହେଁ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଅଭିଯୋଗ ମିଳିଛି, କ’ଣ ହୋଇଛି ଦେଖିବେ। ମଲଦା ରାଜସ୍ୱ ବିଭାଗ ଅଧିକାରୀ ଜ୍ଞାନରଞ୍ଜନ ପାତ୍ର କହିଛନ୍ତି, ଏ ନେଇ ମୋ ପାଖରେ ଖବର ନାହିଁ, କ’ଣ ହୋଇଛି ତଦନ୍ତ କରିବେ।

# ଭଲି ଖେଳି ଯୁବ ଖେଳାଳିଙ୍କ ମନ ଜିଣିଲେ ଇଡ୍କୋ ମୁଖ୍ୟ ପ୍ରବନ୍ଧକ



ଖେଳାଳିଙ୍କୁ ଭଲିବଲ୍ ପ୍ରଦାନ କରୁଛନ୍ତି ଇଡ୍କୋ ମୁଖ୍ୟ ପ୍ରବନ୍ଧକ ସରୋଜ ସେଠୀ।

ନୀଳଗିରି,୧୩।୧୧(ପ୍ରଶାନ୍ତ ବିଶ୍ୱାଳ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥାଇ ମଧ୍ୟ ସମୟ ମିଳିଲେ ନିଜ ମାଟିକୁ ଫେରି ବିଭିନ୍ନ ଲୋକଙ୍କ ସମସ୍ୟାକୁ ବୁଝିବା ସହ ସମାଧାନ କରିବାକୁ ଭୁଲିନାହାନ୍ତି ଇଡ୍କୋ ମୁଖ୍ୟ ପ୍ରବନ୍ଧକ ତଥା ନୀଳଗିରି ମାଟିର ପୁଅ ସରୋଜ ସେଠୀ। ଏହି ପରିପ୍ରେକ୍ଷୀରେ ଗତ ଶନିବାର କାଳିପୂଜା ପାଇଁ ନୀଳଗିରିକୁ ଫେରିବା ବାଟରେ ସଜନାଗଡ଼ ମା’ ଭୂଧାରଚଣ୍ଡୀ ସମ୍ମୁଖସ୍ଥ ପଡ଼ିଆରେ ଭଲି ଖେଳୁଥିବା ସ୍ଥାନୀୟ ଯୁବକଙ୍କ ସହିତ ଭଲି ଖେଳି ଖେଳ ବିଷୟରେ କଥାବାର୍ତ୍ତା ହେବା ସହ ଖେଳାଳିଙ୍କ ସହ ଆଲୋଚନା କରିଥିଲେ।

ସୂଚନାଥାଉ କି କିଛିଦିନ ପୂର୍ବରୁ ଉକ୍ତ ପଡ଼ିଆ ନିକଟ ରାସ୍ତାରେ ଜଣେ ନେତାଙ୍କ ଗାଡ଼ି ଚକା ତଳେ ଖେଳୁଥିବା ଯୁବକମାନଙ୍କ ଭଲିବଲ ଆସିଯିବା ଫଳରେ ବଲ୍‌ଟି ଫାଟିଯାଇଥିଲା। ଖେଳାଳିମାନେ ନୂଆ ବଲ୍‌ଟିଏ ଆଶା କରିବାରୁ ବଲ୍ ଦେବା ପ୍ରତିବଦଳରେ ଓଲଟା ମନା କରିବାରୁ ସ୍ଥାନୀୟ ପିଲାମାନେ ହତୋତ୍ସାହ ହୋଇପଡ଼ିଥିଲେ। ଏ ଖବର ଶୁଣି ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ ଯୁବକମାନଙ୍କ ନିକଟରେ ପହଞ୍ଚି ଗୋଟିଏ ନୂଆ ବଲ୍ ଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ଏହି ବିଷୟରେ ସରୋଜ ସେଠୀ ଜାଣି ତୁରନ୍ତ ୨ଟି ନୂଆ ଭଲିବଲ୍ ପ୍ରଦାନ କରିବା ସହିତ ଉକ୍ତ ପିଲାମାନଙ୍କ ସହିତ ଖେଳିବାକୁ ଭୁଲି ନ ଥିଲେ। ସରୋଜ ବାବୁଙ୍କ ଏଭଳି ବଦାନ୍ୟତା ଶୁଣି ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି।

# କୁନି ପିଲାଙ୍କ ସହ ଦୀପାବଳି ପାଳିଲେ ଏସ୍‌ଡିପିଓ



କୁନି ପିଲାଙ୍କ ଗହଣରେ ଏସ୍‌ଡିପିଓ ମାନସ କୁମାର ଦେଓ ଦୀପାବଳି ପାଳୁଛନ୍ତି।

ରୂପସା, ୧୩।୧୧(ବାଞ୍ଛାନିଧି ଦେ)

## ଦୀପ ଜାଳିଲେ, ରାଶନ ବାଣ୍ଟିଲେ

ବାଲେଶ୍ୱର ସଦର ବ୍ଲକ ଓଲନ୍ଦା ସାରଗାଁ ପଞ୍ଚାୟତ ଅଧୀନ ଆମ୍ବିକିଆଁସ୍ଥିତ ଆନନ୍ଦମାର୍ଗ ବିଦ୍ୟାଳୟରେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି। ବିଦ୍ୟାଳୟର ଅନ୍ତେବାସୀ ଏବଂ କୁନି ଝିଅ ପୁଅଙ୍କୁ ନେଇ ସେ ଦୀପ, ମହମବତୀ ଜାଳି ଉତ୍ସବ ପାଳିଛନ୍ତି। ପିଲାମାନେ ଏସ୍‌ଡିପିଓଙ୍କ ସହ ଧପ୍‌ଧପି, ଝରାବତୀ, କୁମ୍ପି ଆଦି ଲଗାଇବା ସହ ବାଣ ଫୁଟାଇ ବହୁତ ଖୁସି ମନାଇଥିଲେ। ଏଥିସହ ଏସ୍‌ଡିପିଓ ଦେଓ ଗରିବ, ଅନାଥ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ମିଠା ଖୁଆଇ ଖୁସି ଅନୁଭବ କରିଥିଲେ। ସେମାନଙ୍କ ପାଇଁ ଏକ ବୁରା ଚାଉଳ, ଏକ ବୁରା ଆଳୁ ସହ ବିଭିନ୍ନ ରାଶନ ସାମଗ୍ରୀ ଦାନ କରି ମହାନତାର ପରିଚୟ ଦେଇଛନ୍ତି। ପିଲାମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଖବରଦାତା ବାଞ୍ଛାନିଧି ଦେ, ପ୍ରଧାନଶିକ୍ଷକ ପିତାମ୍ବର ଶତପଥି, ଉପଦେଷ୍ଟା ପରୀକ୍ଷିତ ଜେନା, ଶିକ୍ଷୟତ୍ରୀ ବୀଣାପାଣି ଜେନା, ପୁଷ୍ପଲତା ଭୂୟାଁ, ନମିତା ପ୍ରଧାନ, ଧରିତ୍ରୀ ବିଶ୍ୱାଳ, ଅର୍ଚ୍ଚନା ତପସ୍ୱୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ଡିପିଓ ଦେଓ ବିଦ୍ୟାଳୟ ପରିସରରେ ଏକ ନଡ଼ିଆ ଚାରା ରୋପଣ କରିଥିଲେ।

# ୧୨୭ ଗାଡ଼ି ମାଲିକ ପାଇନାହାନ୍ତି ପ୍ରାପ୍ୟ

## ୨୦୨୨ ପଞ୍ଚାୟତ ନିର୍ବାଚନ

ଭଦ୍ରକ,୧୩।୧୧(ସନାତନ ରାଉତ)

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଭଦ୍ରକ ଜିଲା ପ୍ରଶାସନ ଦ୍ୱାରା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ବିଭିନ୍ନ ପ୍ରକାର ୪ଚକିଆ ଯାନ ନିୟୋଜିତ କରାଯାଇଥିଲା। ସେଥିମଧ୍ୟରୁ କେତେଜଣ ଗାଡ଼ି ମାଲିକଙ୍କୁ ଭଡ଼ା ବାବଦରେ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ନ ଥିବା ୧୨୭ ଗାଡ଼ିର ମାଲିକ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି। ଆସନ୍ତା ୨୦ ତାରିଖ ସୁଦ୍ଧା ସମ୍ପୃକ୍ତ ଗାଡ଼ିଗୁଡ଼ିକର ମାଲିକମାନେ ନିଜର ବ୍ୟାଙ୍କ ଆକାଉଣ୍ଟ ଓ ଆଇଏଫ୍‌ଏସ୍ କୋର୍ଡ ନମ୍ବର ପ୍ରଦାନ ନ କଲେ ଭବିଷ୍ୟତରେ ଭଡ଼ା ଅର୍ଥ ପାଇଁ ଦାବି କରିପାରିବେ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।

# ଜଳିଗଲା ଟେଣ୍ଟହାଉସ୍

## ଆକାଶ ଦୀପରୁ ଅଗ୍ନିକାଣ୍ଡ

ବାରିପଦା,୧୩।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାରେ ଦୀପାବଳି ସନ୍ଧ୍ୟାରେ ଆକାଶ ଦୀପରୁ ନିଆଁଲାଗି ଏକ ଟେଣ୍ଟ ହାଉସ୍ ଜଳିଯାଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଲିଭାଇବା ପାଇଁ ୩ଟି ଅଗ୍ନିଶମ ଗାଡ଼ି ନିୟୋଜିତ ହୋଇଥିଲା।

ସୂଚନା ଅନୁଯାୟୀ, ରବିବାର ଏକ ଆକାଶ ଦୀପ ଉଡ଼ିଆସି ବାରିପଦା ଟାଉନ ଥାନା ଅଧୀନ ୱାର୍ଡନଂ.୧୦ କାଳିମନ୍ଦିର ସାହିର ଜୁବୁଲି ଲାଇବ୍ରେରି ନିକଟରେ ଥିବା ସ୍ୱର୍ଣ୍ଣଲକ୍ଷ୍ମୀ ଟେଣ୍ଟ ହାଉସ୍‌ର କପଡ଼ା ଉପରେ ପଡ଼ିଥିଲା। ନିଆଁ ଲାଗିବା ଦେଖି ଟେଣ୍ଟ ହାଉସ ମାଲିକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଅଧିକାରୀ ଭବେନ୍ଦ୍ର ନାଥ ଦେଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଟେଣ୍ଟ ହାଉସ୍ ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି।

# ପୁରସ୍କୃତ ହେବେ ୫ ଜିଲାର ୩୬୦ ଉପଭୋକ୍ତା

ବାଲେଶ୍ୱର, ୧୩।୧୧(ମାନସ ବିଶ୍ୱାଳ)

## ୩୦ରେ ସରିବ ଶାରଦୀୟ ଅମୃତ କୁମ୍ଭ ଅଫର

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ)ର ‘ଶାରଦୀୟ ଅମୃତ କୁମ୍ଭ’ ଅଫର ଅବଧି ଆସନ୍ତା ୩୦ତାରିଖରେ ଶେଷ ହେବ। ଚଳିତବର୍ଷ ମଧ୍ୟ ଏହି ଆକର୍ଷଣୀୟ ଅଫର ଟିପିଏନଓଡିଏଲ ପକ୍ଷରୁ ଆରମ୍ଭ କରାଯାଇଥିବା ବେଳେ ନଭେମ୍ବର ଶେଷସୁଦ୍ଧା ଶୂନ୍ୟ ବକେୟା ଥିବା ଉପଭୋକ୍ତାମାନେ ଏହି ସୁଲଭ ଅଫର ଲାଭ ଉଠାଇପାରିବେ। ୪ଟି ବର୍ଗରେ ଉପଭୋକ୍ତାମାନଙ୍କୁ ଏହି ଉପହାର ପ୍ରଦାନ କରାଯିବ। ପ୍ରଥମ ବର୍ଗରେ କୌଣସି ଦେୟ ବକେୟା ନ ଥିବା ଉପଭୋକ୍ତାଙ୍କୁ ସ୍ଥାନିତ କରାଯିବାକୁ ଥିବା ବେଳେ ଦ୍ୱିତୀୟ ବର୍ଗରେ ଡିଜିଟାଲ ମୋଡ଼ରେ ବିଦ୍ୟୁତ ବିଲ୍ ପଇଠ କରିଥିବା ଉପଭୋକ୍ତାଙ୍କୁ ଏହି ସୁବିଧା ମିଳିବ। ସେହିଭଳି ସ୍ୱାଇସ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସ୍‌ବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ କରିଥିବା ଏବଂ ମାଇଁ ଟାଟା ପାୱାର ଆପ୍ ଦ୍ୱାରା ବିଲ ପଇଠ କରିଥିବା ଉପଭୋକ୍ତାଙ୍କୁ ମିଶାଇ ସମୁଦାୟ ୪ଟି ବର୍ଗରେ ‘ଲକି ଡ୍ର’ ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯିବ। ତେବେ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଏହି ଅଫର ଅବଧି ରହିଥିବା ବେଳେ କେବଳ ଶୂନ୍ୟ ବିଦ୍ୟୁତ ବିଲ୍ ବକେୟା ଥିବା ଉପଭୋକ୍ତାମାନେ ଏହି ଅଫରର ଲାଭ ଉଠାଇପାରିବେ। ଏହି ଯୋଜନାରେ ବାଲେଶ୍ୱର, ବାରିପଦା, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଆଞ୍ଚଳିକ କ୍ଷେତ୍ରରୁ ପ୍ରତିବର୍ଗରେ ୯୦ଜଣ ଲେଖାଏଁ ସମୁଦାୟ ୩୬୦ଜଣ ଉପଭୋକ୍ତା ପୁରସ୍କୃତ ହେବା ନେଇ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ କନ୍‌ଷ୍ଟେବଲ ମୃତ

ରାଇରଙ୍ଗପୁର,୧୩।୧୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଭରାଣ୍ଡିଆ ଗ୍ରାମ ନିକଟରେ ରବିବାର ଦୁର୍ଘଟଣାରେ ଜଣେ ଏପିଆର୍ କନଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଟେଣ୍ଟୋପଶି ଗ୍ରାମର ଦାମୋଦର ନାଏକ(୩୪)। ବାରିପଦାରେ ଏପିଆର୍ କନଷ୍ଟେବଲ(ନଂ.୨୨୮) ଭାବେ କାର୍ଯ୍ୟରତ ଦାମାଦର ସନ୍ଧ୍ୟାରେ ରାରଙ୍ଗପୁର-ବିଶୋଇ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ମାମଲା(ନଂ.୨୬୧/୨୩) ରୁଜୁ କରିଛି। ସୋମବାର ମୃତଦେହ ଟାଉନ ଥାନା ପରିସରକୁ ଅଣା ଯାଇଥିଲା। ସେଠାରେ ପୋଲିସ ପ୍ରଶାସନିକ ଅଧିକାରୀଙ୍କ ସମେତ କନେଷ୍ଟବଲ ଓ ହାବିଲଦାର ସଂଘର କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଖୋଲିଲା ପଥପ୍ରାନ୍ତ ଜନଆଶ୍ରୟସ୍ଥଳୀ




ଉଦ୍‌ଘାଟନୀ ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

ବାସୁଦେବପୁର, ୧୩।୧୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ସହର ଡାକ୍ତରଖାନା ସାମ୍ନା ରାସ୍ତାପାର୍ଶ୍ୱରେ ଏମ୍‌ପିଙ୍କ ଅନୁଦାନ ପାଣ୍ଠିରେ ଏକ ପଥପ୍ରାନ୍ତ ଜନଆଶ୍ରୟସ୍ଥଳୀ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ୍, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଭଦ୍ରକ ଏସ୍‌ଡିପିଓ ସୌରଭ ଓତା, ଆଇଆଇସି ଲୋପାମୁଦ୍ରା ନାୟକ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ହାଇସ୍କୁଲ ଛକଠାରେ ଶ୍ରମିକମାନଙ୍କ ପାଇଁ ଏକ ବିଶ୍ରାମଗାରକୁ ମଧ୍ୟ ଏମ୍‌ପି ଉଦ୍‌ଘାଟନ କରିଥିଲେ।

# ପ୍ରଦୂଷଣରେ ସହରବାସୀ ଅତିଷ୍ଠ

ଯୋଡ଼ା,୧୩।୧୧(ମାନସ ମହାନ୍ତି)

## ଦୀପାବଳିରେ ନିୟମ ମାନିଲେନି

କେନ୍ଦୁଝର ଜିଲା ଉପତ୍ୟକା ସହର ଯୋଡ଼ାରେ କାଳୀପୂଜା ଏବଂ ଦୀପାବଳି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ବାଣ ଫୁଟା ଉପରେ ଅନେକ କଟକଣା ଥିବା ବେଳେ ଏହାକୁ ଭ୍ରୂକ୍ଷେପ ନ କରି ଲୋକେ ବାଣ ଫୁଟାଇଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ବାୟୁ ପ୍ରଦୂଷଣ ଏବଂ ଶବ୍ଦ ପ୍ରଦୂଷଣ କରୁଥିବା ବାଣ ଉପରେ କଟକଣା ରହିଥିଲେ ମଧ୍ୟ ଯୋଡ଼ା ସହରରେ ଦେଶୀ ବାଣ ବିକ୍ରି ଉପରେ କଟକଣା ଲଗାଯାଇ ନ ଥିଲା। ଫଳରେ ରାତି ୧୨ଟା ପର୍ଯ୍ୟନ୍ତ ଅମାନିଆମାନେ ରାସ୍ତା ଉପରେ ବାଣ ଫୁଟାଇଥିଲେ। ଏହାଦ୍ୱାରା ପ୍ରଦୂଷଣ ଅତି ମାତ୍ରାରେ ବୃଦ୍ଧି ପାଇଛି। ଏକ ଘରୋଇ କମ୍ପାନୀର ଡିଜିଟାଲ ଡିସ୍‌ପ୍ଲେ ବୋର୍ଡରେ ପ୍ରଦୂଷଣ ମାତ୍ରା ଦୃଶ୍ୟମାନ ହେଉଥିଲା। ପିଏମ(ପାର୍ଟିକ୍ୟୁଲେଟ ମ୍ୟାଟର) ୨.୫, ୩୩୧.୦୮ ମାଇକ୍ରୋ ଗ୍ରାମ ଥିବା ବେଳେ ପିଏମ ୧୦ - ୬୫୦.୭୮ ମାଇକ୍ରୋ ଗ୍ରାମ ବାୟୁ ମଣ୍ଡଳରେ ଥିବା ବୋର୍ଡରେ ଉଲ୍ଲେଖ ହୋଇଥିଲା। ପିଏମ ୨.୫ ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ ଏହା ଫୁସଫୁସକୁ ଯାଇ ଶ୍ୱାସ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରେ। ସେହିପରି ପିଏମ୍ ୧୦ ସୂକ୍ଷ୍ମଠାରୁ ବଡ଼ ଆକାରର ଧୂଳିକଣା ହୋଇଥିବାରୁ ଏହା ଗଳା, ନାକ ଏବଂ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ଏହି ମାତ୍ରା ବହୁ ଅଧିକ ଥିବାରୁ ରବିବାର ଯୋଡ଼ା ସହରର ବାୟୁ ମଣ୍ଡଳ ଅଧିକ ପ୍ରଦୂଷିତ ହୋଇଥିଲା। ନାମକୁ ଗୋପନରେ ରଖି ସ୍ଥାନୀୟଲୋକେ କହିଛନ୍ତି, ଧୂଆଁ ଏତେ ମାତ୍ରାରେ ହୋଇ ଯାଇଥିଲା ଯେ, ସବୁଆଡ଼େ ବାରୁଦର ଗନ୍ଧ ହେଉଥିଲା। ଛିଙ୍କ ସହିତ ନାକ ଜାମ, ଆଖି ପୋଡ଼ା ଅନୁଭୂତ ହେଉଥିଲା।

# ଦୁର୍ନୀତିକୁ ଭାଜପାର ବିରୋଧ

ଭଦ୍ରକ, ୧୩।୧୧(ସନାତନ ରାଉତ)

ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲାର ସମସ୍ତ ବ୍ଲକ ଘେରାଉ କରିବ ଭାଜପା। ରାଜ୍ୟରେ ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି, ଗ୍ରାମସଭା କରା ନ ଯିବା ସହ ସରପଞ୍ଚ ଓ ସମିତିସଭ୍ୟଙ୍କ କ୍ଷମତା ହଡ଼ପ, ସବୁଠି ଦୁର୍ନୀତି ଓ ପିସି କାରବାର ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଘେରାଉ କରାଯିବ ବୋଲି ସୋମବାର ଜିଲା ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକ କହିଛନ୍ତି। ଆସନ୍ତା ୧୮ରେ ଭଦ୍ରକ ଓ ତିହିଡ଼ି ବ୍ଲକ ଘେରାଉ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ସଭାପତି ହେମନ୍ତ ପାଢ଼ୀ, ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନସ୍ୱିତା ଖୁଣ୍ଟିଆ, ଜଗନ୍ନାଥ ଦାସ, ସାଧାରଣ ସମ୍ପାଦକ ଶଶୀକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ରେ ବନ୍ତ, ୧୭ରେ ଭଣ୍ଡାରିପୋଖରୀ ବ୍ଲକ ଘେରାଉ

ବନ୍ତ/ଭଣ୍ଡାରିପୋଖରୀ, ୧୩।୧୧
(ହରିନାରାୟଣ ମହାନ୍ତି/ ରବିନାରାୟଣ ଖିଲାର)

ଭାଜପା ପକ୍ଷରୁ ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଜନଆକ୍ରୋଶ କାର୍ଯ୍ୟକ୍ରମ ଆଧାରରେ ବ୍ଲକ ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୫ ତାରିଖରେ ଭଦ୍ରକ ଜିଲାର ବନ୍ତ ଓ ୧୭ରେ ଭଣ୍ଡାରିପୋଖରୀ ବ୍ଲକ ଘେରାଉ କରାଯିବ। ଏନେଇ ସୋମବାର ବନ୍ତସ୍ଥିତ ଜଳସେଚନ କାର୍ଯ୍ୟାଳୟ ଡାକବଙ୍ଗଳା ପରିସରରେ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ବିଭିନ୍ନ ଦୁର୍ନୀତି, ଭ୍ରଷ୍ଟାଚାର ବୃଦ୍ଧି ପାଇଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପାଇଁ ବ୍ଲକ ଘେରାଉ କରାଯାଉଥିବା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ




ବନ୍ତଠାରେ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

କହିଥିଲେ। ସେହିପରି ଶନିବାର ଭଣ୍ଡାରିପୋଖରୀସ୍ଥିତ କାର୍ଯ୍ୟାଳୟରେ ଭାଜପାର ପ୍ରସ୍ତୁତି ବୈଠକ ହୋଇଥିଲା। ନିର୍ବାଚନମଣ୍ଡଳୀ ନେତା ବଦ୍ରି ନାରାୟଣ ଧଳ, ଡ. ସୁଧାଂଶୁ ଶେଖର ନାୟକ, ପୂର୍ବତନ ସଂଗଠନ ମହାମନ୍ତ୍ରୀ ପଞ୍ଚାନନ ରାଉତ, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରକାଶ ଚନ୍ଦ୍ର ମହାପାତ୍ର, ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ମହତାବ ମଣ୍ଡଳ ସଭାପତି ଶିବାନନ୍ଦ ଦାସ ଅଧିକାରୀ, ବରଡେଶ୍ୱର ମଣ୍ଡଳ ସଭାପତି ନବ କିଶୋର ବଳ, ସରପଞ୍ଚ ମାନସ ରଞ୍ଜନ ପହି, ଜିତେନ୍ଦ୍ର ନାୟକ, ସୁଧୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଖେଳ ଅଭିଯୋଗରେ ୩ ଅଟକ

ଉଦଳା,(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଗୋଡ଼ା ଗ୍ରାମରେ କାଳୀ ପୂଜା ଉତ୍ସବ ଚାଲିଥିବା ବେଳେ ଜୁଆଖେଳ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ନଗଦ ୨୬୩୨୫ଟଙ୍କା, ଜୁଆ ଖେଳର ସରଞ୍ଜାମ ଜବତ ହୋଇଥିବା ଉଦଳା ଥାନାଧିକାରୀ ବନମାଳି ବାରିକ ସୂଚନା ଦେଇଛନ୍ତି।



### ସଂକ୍ଷେପରେ

## ଜାଲରେ ପଡ଼ିଲା ୪ ଫୁଟ୍ କୁମ୍ଭୀର



ରୂପ୍ସା,(ବାଞ୍ଛାନିଧି ଦେ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୧୩।୧୧- ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଡୁବୁଡୁବି ନଦୀର ମହାପଦା ପୋଲ ନିକଟରେ ସୋମବାର ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥିବା ଏକ ୪ ଫୁଟ ଲମ୍ବର ଏକ କୁମ୍ଭୀର ଉଦ୍ଧାର ହୋଇଛି। ଉଦ୍ଧାର ପରେ କୁମ୍ଭୀର ମୃତ ବୋଲି ଜଣାପଡ଼ିଥିଲା। ସୂଚନା ଅନୁଯାୟୀ, ନଦୀରେ ମାସେ ହେଲା କୁମ୍ଭୀର ଆତଙ୍କ ଖେଳାଉଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ନଦୀକୁ ଯାଉନାହାନ୍ତି। କିଛି ଛେଳି ଏବଂ ଗୋରୁକୁ କୁମ୍ଭୀର ମାରି ଖାଇଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ବାରମ୍ବାର ବନବିଭାଗକୁ ଖବର ଦେଇଥିଲେ ମଧ୍ୟ କୁମ୍ଭୀରକୁ ଧରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହି ନଦୀରେ ଦୁଇରୁ ତିନୋଟି କୁମ୍ଭୀର ବୁଲୁଥିବା ଗ୍ରାମବାସୀ ଦେଖିଛନ୍ତି। ସୋମବାର ଗୋଟିଏ କୁମ୍ଭୀର ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିବା ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଅଧିକାରୀ ପହଞ୍ଚି ଉଦ୍ଧାର କୁମ୍ଭୀରକୁ ନେଇଯାଇଛନ୍ତି। ଅନ୍ୟ କୁମ୍ଭୀରକୁ ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମଇଦାନକେଲ ଜଙ୍ଗଲରେ ଛୁଆହାତୀ ଆହତ

କେନ୍ଦୁଝର,୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର) : କେନ୍ଦୁଝର ଜିଲା ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ଛୁଆହାତୀ ଆହତ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଛି। ଛୁଆହାତୀର ବୟସ ପାଖାପାଖି ୮ ମାସ ହେବ ଏବଂ ୧୨ ଟିକିଆ ହାତୀ ଦଳରେ ବୁଲୁଛି। ଛୋଟେଇ ଚାଲୁଥିବା ବେଳେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିରୀକ୍ଷଣ କରୁଛନ୍ତି। ସୂଚନା ଅନୁଯାୟୀ, ଦଳରେ ୩ଟି ଦନ୍ତା, ୪ ମାଈ ଓ ୫ ଛୁଆହାତୀ ରହିଛନ୍ତି। ହାତୀପଲ ଜନବସତି ତଥା ଚାଷ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଲୋକମାନେ ଘଉଡ଼ାଉଛନ୍ତି। ହାତୀପଲ ପଥଭ୍ରଷ୍ଟ ହୋଇ ଏଣେତେଣେ ଦୌଡୁଛନ୍ତି। ଏହି ସମୟରେ ଖାଲଖମା, ପଥରଖୋଲରେ ପଡ଼ି ଛୁଆହାତୀ ଆହତ ହୋଇଥିବା ଅନୁମାନ କରାଯାଉଛି। ଡିଏଫ୍ଓ ଧନରାଜ ଏଚ୍ଡି, ଏସିଏଫ୍ ଅଶୋକ ଦାସ, ଜିତେନ୍ଦ୍ର ବେହେରା ଏବଂ ସଦର ରେଞ୍ଜ୍ ଦାୟିତ୍ୱରେ ଥିବା ଏସିଏଫ୍ ପ୍ରଭାତ କୁଅଁରଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକଙ୍କୁ ନିୟୋଜିତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟାଳୟ ପରିସରରୁ ବେଆଇନ ଗଛକଟା

### ମାମଲା ରୁଜୁ କଲା ବନ ବିଭାଗ

କେନ୍ଦୁଝର,୧୩।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅର୍ଶଳା ଗ୍ରାମରେ ଥିବା ଅନୁସୂଚିତ ଜନଜାତି ଏବଂ ଜାତି ବିଭାଗ ଦ୍ୱାରା ପରିଚାଳିତ ତେଲିଅର୍ଶଳା ଆଶ୍ରମ ସ୍କୁଲ ପରିସରରେ ଖେଳପଡ଼ିଆ ପାଇଁ ବନ ବିଭାଗ ବିନା ଅନୁମତିରେ ୧୧ ମୂଲ୍ୟବାନ ଗଛ କାଟି ଦିଆଯାଇଛି। ଏହାକୁ ନେଇ ଗ୍ରାମରେ ବିବାଦ ଦେଖାଦେଇଛି। ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟର ବୁଲୁ ନାହକ ସ୍କୁଲ୍ରେ ଚଢାଉ କରି କଟାଯାଇଥିବା ଆମ୍ବ, ପିଆଶାଳ ଆଦି କାଠ ଗଣ୍ଡି ଜବତ୍ କରିଛନ୍ତି। ଏନେଇ ଏକ ମାମଲା (ନଂ ୭ ) ରେ ରୁଜୁ କରିଛନ୍ତି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ କମିଶନର ରୂପାରୋଶନ ସାହୁ ବିଦ୍ୟାଳୟ ପରିଦର୍ଶନ ସମୟରେ ଖେଳପଡ଼ିଆର ଉନ୍ନତୀକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗଛ ନ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଦେଶକୁ ବେଖାତିର କରି କାମ କରୁଥିବା ଠିକାଦାର ମେସିନ ଲଗାଇ ଗଛ କାଟିଛନ୍ତି। ବିନା କାର୍ଯ୍ୟାଦେଶରେ ଆଶ୍ରମ ସ୍କୁଲରେ ଠିକାଦାର କିପରି ଅନଧିକୃତ ପ୍ରବେଶ କରି ଗଛ କାଟିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ମହାନ୍ତ କହିଛନ୍ତି, ତାଙ୍କ ଅନୁପସ୍ଥିତିରେ ଗଛ କଟାଯାଇଛି। ଚମ୍ପୁଆ ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରବିନ୍ଦ୍ର ନାଥ ନାୟ କହିଛନ୍ତି, ଏହାର ଯାଞ୍ଚ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ।

# ବାଣ ଫୁଟାଇ ପାପୁଲି ହରାଇଲେ ୨

### ୯ ଆହତ

ଭଦ୍ରକ/ତିହିଡ଼ି,୧୩।୧୧ (ସନାତନ ରାଉତ/ସଞ୍ଜିତ ବଳ)

ଦୀପାବଳିରେ ବାଣ ଫୁଟାଇବା ବେଳେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବିସ୍ଫୋରଣରେ ୨ଜଣ ପାପୁଲି ହରାଇଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ସେହିପରି ପୁରୁଣାବଜାର ଥାନା ଅଧୀନ ଶଙ୍କରପୁର ସାହିରେ ଘର ଉପରେ ରକେଟ୍ ବାଣ ପଡ଼ି ଗୁଲାମ ରବାନୀଙ୍କ ୨ ବଖରା ଘର ଜଳିଯାଇଛି। ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଆରସାଡିହ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ(୧୬) ଓ ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ କାନପୁର ଗ୍ରାମର ଗଣେଶ୍ୱର ବେହେରା(୩୬) ବାଣ ଫୁଟାଇବା ବେଳେ ତାଙ୍କ ହାତରେ ବାଣ ଫୁଟି ପାପୁଲି ନଷ୍ଟ ହୋଇଯାଇଛି। ସେହିପରି ଅଚକ ପଞ୍ଚାୟତ ନନ୍ଦପୁର ଗ୍ରାମର ଚକ୍ରଧର ମହାରଣା(୨୨)ଙ୍କର ଆଙ୍ଗୁଳି ଓ ଉତ୍ତରବାହା ଗ୍ରାମର ସତ୍ୟକାନ୍ତ ସାହୁ(୨୨)ଙ୍କର ପାପୁଲି ପୋଡ଼ିଯାଇଛି। ୪ଆହତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତମାନେ ହେଲେ ବନ୍ତ ବ୍ଲକ ସରମରା ଗ୍ରାମର ରଶ୍ମିରଞ୍ଜନ ନାୟକ(୧୨), ଧାମନଗର ବ୍ଲକ ଜାହାଙ୍ଗୀର ଗ୍ରାମର ଅମୂଲ୍ୟ କୁମାର ସେଠୀ, ବାସୁଦେବପୁର ବ୍ଲକ ସୁଗୋର ପୁଟୁ ନାୟକ, ଭଦ୍ରକ ବ୍ଲକ ଅଧୀନ କେଦାରପୁର ପଞ୍ଚାୟତ ଜିତାନଗା ଗ୍ରାମର ଅଂଶୁମାନ ସାହୁ, ଚରମ୍ପା ଗୁଣ୍ଡୁଣିଆ ବଜାରର ଶଶୀକାନ୍ତ ନାୟକ, ଦୋଳସାହିର ଆଦିତ୍ୟ ନାଥ ଓ ଭଦ୍ରକ ବ୍ଲକ ନଛିପୁରର ଲିପ୍ସା ବିଶ୍ୱାଳ। ସେମାନଙ୍କ ମଧ୍ୟରୁ ଅଂଶୁମାନ ଓ ଆଦିତ୍ୟ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ,୧୩।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ନିକଟ ଗାଡ଼ାସାହିଠାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାରଦ ମୁଣ୍ଡା(୫୫)। ସୂଚନା ଅନୁଯାୟୀ, ନାରଦ ସୋମବାର ନିଜ ଧାନ ବିଲରୁ ଗାଡ଼ାସାହିକୁ ଫେରୁଥିଲେ। ବାଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବନ ବିଭାଗ ଅଧିକାରୀ ଅକ୍ଷୟ ଛତ୍ରିଆ ଓ ବନପାଳ କାଳନ୍ଦୀ ସାମଲ ଗୁରୁତର ଅବସ୍ଥାରେ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଚମ୍ପୁଆ ଥାନାରେ ଏକ ମାମଲା(ନଂ. ୪୮/୨୩) ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରାଥମିକ ସହାୟତା ପ୍ରଦାନ କରାଯିବ ବୋଲି ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିୟା କହିଛନ୍ତି। ସୂଚନାଯୋଗ୍ୟ, ୪୨ ଟିକିଆ ହାତୀପଲ ବର୍ତ୍ତମାନ କାଳିକାପ୍ରସାଦ ଜଙ୍ଗଲରେ ରହିଛନ୍ତି।

## ଆନ୍ତଃମହାବିଦ୍ୟାଳୟ ଭଲିବଲ୍ ଓ କବାଡି ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ କବାଡ଼ି (ପୁରୁଷ) ବିଜେତା ଦଳ।

ବାଲେଶ୍ୱର, ୧୩।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଭଲିବଲ୍ (ପୁରୁଷ), କବାଡ଼ି (ପୁରୁଷ), କବାଡ଼ି (ମହିଳା) ଟୁର୍ଣ୍ଣାମେଣ୍ଟ ଶେଷ ହୋଇଯାଇଛି। ଭଲିବଲ୍ (ପୁରୁଷ) ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ବାଲିଆପାଳ କଲେଜ ଅଫ୍ ଫିଜିକାଲ୍ ଏଜୁକେଶନ୍, ବାଲିଆପାଳ ବିଜେତା ଏବଂ ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ ଉପବିଜେତା ହୋଇଥିଲେ। ସେହିପରି କବାଡ଼ି (ପୁରୁଷ) ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଆର୍ଆଇଏଚ୍ଏସ୍ କଲେଜ, ଭୋଗରାଇ ବିଜେତା ଏବଂ ଏସ୍ଆର୍ କଲେଜ, ବାଲିଆପାଳ ଉପବିଜେତା ହୋଇଥିଲେ। ଅନ୍ୟପକ୍ଷରେ କବାଡ଼ି (ମହିଳା) ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଆର୍ଆଇଏଚ୍ଏସ୍ କଲେଜ, ଭୋଗରାଇ ବିଜେତା ଓ ବିସିପିଇ, ବାଲିଆପାଳ ଉପବିଜେତା ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ଭାସ୍କର ବେହେରା, କ୍ରୀଡ଼ା ପରିଷଦ ସହକାରୀ ନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ଧନ୍ୟବାଦ ଦେଇଥିଲେ।

## କାଠ ବୋଝେଇ ଗାଡ଼ି ଜବତ

ଠାକୁରମୁଣ୍ଡା,୧୩।୧୧(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ବନ କର୍ମଚାରୀ ଓ ପୋଲିସ ମିଳିତ ଚଢ଼ାଉ କରି ଏକ ଶାଳ କାଠ ଗଣ୍ଡି ବୋଝେଇ ପିକଅପ ଭ୍ୟାନ ଜବତ କରିଛନ୍ତ। ଅନ୍ଧାରର ସୁଯୋଗ ନେଇ କାଠ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଜବତ କାଠ ବୋଝେଇ ଗାଡ଼ିକୁ ବନ ବିଭାଗ ସାତକୋଶିଆ ରେଞ୍ଜ କାର୍ଯ୍ୟାଳୟକୁ ଆଣି ତଦନ୍ତ କରୁଛି। ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଫରେଷ୍ଟର ଗିରିଜା ନନ୍ଦନ ଦଳେଇ, ବିଶ୍ୱଜିତ ମହାନ୍ତ ଓ ଅନ୍ୟ ବନକର୍ମଚାରୀଙ୍କ ସମେତ ମହୁଲଡ଼ିହା ଥାନା ଏଏସ୍ଆଇ ସନ୍ତୋଷ ନାଏକ ଏବଂ ପୋଲିସ କର୍ମଚାରୀ ଚିଆଁବେଡା ଗ୍ରାମ ବାଉଁଶକୁଦର ସାହିରେ ଚଢ଼ାଉ କରି ଗାଡ଼ି ଜବତ କରିଥିଲେ।

## ବାପାଙ୍କ ଠେଙ୍ଗା ମାଡ଼ରେ ପୁଅ ମୃତ

କେନ୍ଦୁଝର,୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀପାବଳି ଦିନ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର ସହର ଏଲ୍ଆଇସି କଲୋନି ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ବାପାଙ୍କ ଠେଙ୍ଗା ମାଡ଼ରେ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନସ ନାଏକ(୧୮)। ପୋଲିସ ଅଭିଯୁକ୍ତ ବାପା ମହାବୀର ନାଏକ(୪୫)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ରବିବାର ମହାବୀର ଯାତ୍ରା ବୁଲିବାକୁ ଯିବାକୁ ମାନସଙ୍କୁ ଟଙ୍କା ମାଗିଥିଲେ। ମାନସ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହାବୀର ଉତ୍କ୍ଷିପ୍ତ ହୋଇ ଏକ ବାଉଁଶ ଠେଙ୍ଗାରେ ପୁଅଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମାନସଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୪୦୪/୨୩) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି।

## ଦିନ ୨ଟାରୁ ସ୍କୁଲ ଛୁଟି

ରାଇବଣିଆ,୧୩।୧୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଛୁଟି ହୋଇଯାଉଥିବା ଅଭିଯୋଗ ହେଉଥିଲା। ଏ ନେଇ ସୋମବାର ଆମ ପ୍ରତିନିଧି ଅପରାହ୍ନ ୨ଟାରେ ପହଞ୍ଚି ପିଲାମାନଙ୍କର ଛୁଟି ହୋଇଯାଇଥିବା ଦେଖିଥିଲେ। ଏ ବିଷୟରେ ଜଣେ ଛାତ୍ରଙ୍କୁ ପଚାରିବାରୁ ଅଳ୍ପ ସଂଖ୍ୟକ ପିଲା ଥିବାରୁ ଛୁଟି ହୋଇଯାଇଥିବା କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଗୁଡ କହିଛନ୍ତି, ଛୁଟି ହେବା କଥା ନୁହେଁ, କିନ୍ତୁ ଆଜି ଅଳ୍ପ ପିଲା ପାଇଁ ଛୁଟି ହୋଇଯାଇଛି। ଜିଲା ଶିକ୍ଷାଧିକାରିଣୀ ପ୍ରତିଭା ମଞ୍ଜରୀ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ଖୋଲା ରହିବା କଥା, କ'ଣ ପାଇଁ ସ୍କୁଲ ଛୁଟି ହେଲା ସେ ବିଷୟରେ ବୁଝିବେ।

## ବ୍ରାହ୍ମଣୀପାଳ ଦକ୍ଷିଣକାଳୀ ପୀଠରେ ଜମୁଛି ଭିଡ଼

ଧାମନଗର,୧୩।୧୧(ଦେବେନ୍ଦ୍ର ଆଡ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ମା' କାଳୀଙ୍କୁ ଆରାଧନା କରାଯାଉଛି। ଧାମନଗର, ଦୋବଲ, ଧୁଷୁରୀ, ଅସୁରାଳି, ବମକୁରା, ଜାହାଙ୍ଗୀର, ବ୍ଲକବଜାର ଆଦି ସ୍ଥାନରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ ମଣ୍ଡପରେ ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ଆକର୍ଷଣୀୟ ତୋରଣ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ଧୁଷୁରୀ ନିକଟସ୍ଥ ବ୍ରାହ୍ମଣପାଳସ୍ଥିତ ପ୍ରସିଦ୍ଧ ମା'ଦକ୍ଷିଣ କାଳୀଙ୍କ ପୀଠ ଚଳଚଞ୍ଚଳ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏଠାରେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ବହୁ ଭକ୍ତ ଅପେକ୍ଷା କରିଥାନ୍ତି। ଏହି ଆଳତି ଅତ୍ୟନ୍ତ ନିଆରା। ମୁଖ୍ୟ ସେବକଙ୍କ ଦ୍ୱାରା ଦୀର୍ଘ ସମୟ ଧରି ଆଳତି ବୁଲାଇବା ଏକ କଠିନ କାର୍ଯ୍ୟ ହେଲେ ବି ତାହାକୁ ସମ୍ପାଦନ କରିବାରେ ମା' ନିଜେ ହିଁ ହାତ ଧରି ବୁଲାଇଥାନ୍ତି ବୋଲି କୁହନ୍ତି ମୁଖ୍ୟ ସେବକ ସନ୍ତୋଷ ପଣ୍ଡା। ଏହି ସମୟରେ ବାହାର ଆଲୋକ ସଜ୍ଜାକୁ ବନ୍ଦ ରଖାଯାଇଥାଏ। ଉକ୍ତ ଆଳତି ଆଲୁଅ ସମ୍ପୂର୍ଣ୍ଣ ପରିବେଶକୁ ବି ଛାଡ଼ି ଦେଇଥାଏ। ପ୍ରାୟ ୮ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ମା' ଏହି ଶକ୍ତିପୀଠରେ ବାରମାସ ପୂଜା ପାଇ ଆସୁଛନ୍ତି। ୩ ଦିନରେ ସାର୍ବଜନୀନ ପୂଜା ସମ୍ପୂର୍ଣ୍ଣ ନ ହେବାରୁ ଅଧିକ ଦୁଇଦିନ ପାଇଁ ମା'ଙ୍କ ଅନୁମତି ପାଇବା ପରେ ସେବେଠାରୁ ୫ ଦିନ ଧରି ପୂଜା ହୋଇଆସୁଛି ବୋଲି କୁହାଯାଏ।

# ୫୦୦ ମିଟରକୁ ୨୦ ଟଙ୍କା ଭଡ଼ା

### ଅଟୋ ମାଲିକଙ୍କ ମନମାନି

ଚମ୍ପୁଆ,୧୩।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ଅଞ୍ଚଳର ଅଟୋ ମାଲିକଙ୍କ ମନମାନି ବଢ଼ିବାରେ ଲାଗିଛି। ସୀମିତ ଦୂରତା ପାଇଁ ନିର୍ଦ୍ଧାରିତ ଅର୍ଥ ରାଶିଠାରୁ ଅଧିକ ଦାବି କରୁଛନ୍ତି। ଉକ୍ତ ଅଞ୍ଚଳରେ ଗମନାଗମନର ସୁବିଧା ନ ଥିବାରୁ ଯାତ୍ରୀମାନେ ବାଧ୍ୟ ହୋଇ ଅଧିକ ଅର୍ଥ ଦେଉଛନ୍ତି। ଏମାନଙ୍କ ପ୍ରତି କୌଣସି ଅଙ୍କୁଶ ଲାଗୁ ନ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର ଶେଷ ଅଞ୍ଚଳ ଭାବରେ ଜୟନ୍ତିଗଡ଼ ବଜାର ରହିଥିବା ବେଳେ ଟାଟା, ରାଞ୍ଚି, ଚାଇବସା ଆଦି ଅଞ୍ଚଳରୁ ଲୋକେ ବସ୍ ଯୋଗେ ଆସି ଜୟନ୍ତିଗଡ଼ରେ ଓହ୍ଲାଇ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ଚମ୍ପୁଆରୁ ଝାଡ଼ଖଣ୍ଡ(ଜୟନ୍ତିଗଡ଼) ଯିବାକୁ ମାତ୍ର ୫୦୦ ମିଟର ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ। ଚମ୍ପୁଆ ଅଟୋମାଲିକମାନେ ଯାତ୍ରୀ ନେଇ ଜୟନ୍ତିଗଡ଼ ଗଲେ ଯାତ୍ରୀ ପିଛା ୧୦ ଟଙ୍କା ଲେଖାଏ ନେଉଥିବା ବେଳେ ଜୟନ୍ତିଗଡ଼ରୁ ଆସୁଥିବା ଅଟୋମାଲିକମାନେ ଭଡ଼ା ବାବଦକୁ ୨୦ ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ଏଥିସହ ଯାତ୍ରୀଙ୍କୁ ମନାଇଚ୍ଛା ଚଢ଼ାଉଥିବା ବେଳେ ଜୟନ୍ତିଗଡ଼ରୁ ଓଡ଼ିଶାର କୌଣସି ସ୍ଥାନକୁ ଯାଉଥିବା ରିଜର୍ଭ ଅଟୋଗୁଡ଼ିକ ମନଇଚ୍ଛା ଅର୍ଥ ଦାବି କରୁଛନ୍ତି। ଏହାକୁ ୧୦୦ରୁ ଉର୍ଦ୍ଧ୍ୱ ଅଟୋ ରହିଥିବା ଚମ୍ପୁଆ ଅଟୋ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଯାତ୍ରୀଙ୍କ ଆର୍ଥିକ ବୋଝକୁ ଲାଘବ କରିବା ପାଇଁ ଚମ୍ପୁଆ ଥାନା ଅଧିକାରୀ, ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କୁ ଅବଗତ କରାଯାଇଛି ବୋଲି ସଂଘ ସଭାପତି ବଶିଷ୍ଟ ପୃଷ୍ଟି ସୂଚନା ଦେଇଛନ୍ତି। ଏ ନେଇ ଚମ୍ପୁଆ ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ କହିଛନ୍ତି, ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ ଟିମ୍ ଦ୍ୱାରା ଚଢ଼ାଉ କରାଯାଇ ଯାତ୍ରୀଙ୍କଠାରୁ ଅଧିକ ଅର୍ଥ ଆଦାୟ କରୁଥିବା ଅଟୋଗୁଡ଼ିକରୁ ଜରିମାନା ଆଦାୟ କରାଯିବ।

## ଯୋଡ଼ାରେ ମା' କାଳୀଙ୍କୁ ଆରାଧନା

ଯୋଡ଼ା,୧୩।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବସ୍ଷ୍ଟାଣ୍ଡଠାରେ କାଳୀପୂଜା ରବିବାରଠାରୁ ଆରମ୍ଭ ହୋଇଛି। ରୀତିନୀତି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କାଳୀପୂଜା ସର୍ବପୁରାତନ ହୋଇଥିବା ବେଳେ ଚଳିତ ବର୍ଷ ୪୯ ବର୍ଷରେ ପଦାର୍ପଣ କରିଛି। କମିଟି ସଭାପତି ଶିରିସ ଚନ୍ଦ୍ର ମହାନ୍ତି, ସମ୍ପାଦକ ବିନୁ ପଟ୍ଟନାୟକ, କୋଷାଧ୍ୟକ୍ଷ କଳାକର ସାହା, ବାଦଲ ମହାନ୍ତି, ମୁକେଶ ପ୍ରସାଦ, ପୂଜା ଦାୟିତ୍ୱରେ ରହିଛନ୍ତି। ପୂଜା ଛଅ ଦିନ ଧରି ଚାଲିବ ବୋଲି କମିଟି ସୂତ୍ରରୁ ଜଣାପଡ଼ିଛି।

## ଧୁମ୍‌ଧାମ୍‌ରେ ଚାଲିଛି କାଳୀପୂଜା

ବାହାନଗା,୧୩।୧୧ (ଅରୂପ୍ କୁମାର ଦାସ)

ବାହାନଗା ବ୍ଲକର ବିଭିନ୍ନ ଛୋଟ ବଡ ବଜାର ମା' କାଳୀ ପୂଜା ନିମନ୍ତେ ଦୁଲୁକୁଛି। ବ୍ଲକର ୧୭ରୁ ୨୦ଟି ଛୋଟ ବଡ ବଜାରରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ବଜାରଗୁଡିକ ଆଲୋକମାଳାରେ ଝଲସୁଛି। ବିଭିନ୍ନ ସ୍ଥାନରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ ବିଭିନ୍ନ ବଜାରରେ ଅପେରା ପରିବେଷଣ କରାଯାଉଛି। ଗୋପାଳପୁର ବଜାରର ଚତୁଃପାର୍ଶ୍ୱକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ କୁଞ୍ଜ ନିର୍ମାଣ କରାଯାଇଛି। ରାମାୟଣର ରାବଣ ସୀତା ଚୋରିଠାରୁ ଆରମ୍ଭ କରି ଜଗନ୍ନାଥଙ୍କ ବିଭିନ୍ନ ବେଶରେ କୁଞ୍ଜ ନିର୍ମାଣ କରାଯାଇଛି। ସେହିପରି ଖନ୍ତାପଡା ବଜାରରେ ୧ଶହ ବର୍ଷର ପୁରୁଣା ମା' କାଳୀ ପୂଜା ଅନୁଷ୍ଠିତ ହୋଇଆସୁଛି। ସେଠାରେ ମଧ୍ୟ ବିଭିନ୍ନ ସ୍ଥାନରେ କୁଞ୍ଜ ନିର୍ମାଣ କରାଯାଇଛି। ବାହାନଗା ବଜାର, ପଣପଣା ବଜାର, ବେଗୁନିଆ ବଜାର, ଖନ୍ତାପଡା ପଜାର, ଚକଜଗନ୍ନାଥପୁର ବଜାର, ଷଠୀ ଛକ, ଗୋପାଳପୁର ବଜାର, ଜୁଣିଆଁ ବଜାର, ନୂଆପୁର ଜାମୁଣିଆଁ ଛକ, ଖେରଙ୍ଗ ବଜାର, ଆରୁହାବାଡ , ରୂପଖଣ୍ଡ, ଅଭଣା, ବିଷ୍ଣୁପୁର, ଖରାସାହାପୁର, ଅଞ୍ଜି, ଝାଡତା ଛକ, ତାଳକୁରୁଣିଆ ଛକ, ସାଉଡୁ ବଜାର, କୁରୁଡା ଛକ, ମୁଳାଡିଅ ଛକ ପ୍ରମୁଖ ବଜାର ଓ ଛକରେ ପୂଜା ହେଉଛି। ମେଳା ବୁଲିବାକୁ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ଏଭଳି ୮ରୁ ୯ଦିନ ପର୍ଯ୍ୟନ୍ତ ଚାଲିବ।

# ଶିଶୁ ଉଦ୍ୟାନ ଲୋକାର୍ପିତ

ବାରିପଦା,୧୩।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରପାଳିକା ଶିଶୁ ଉଦ୍ୟାନର ଆଧୁନିକୀକରଣ କାର୍ଯ୍ୟ ସମାପନ ପରେ ଏହା ନୂଆ ରୂପ ପାଇଛି। ଶିଶୁ ଦିବସ ପାଳନ ପୂର୍ବରୁ ସୋମବାର ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଲୋକାର୍ପଣ କରିଛନ୍ତି। ୧୯୯୯ରେ ଏହି ଶିଶୁ ଉଦ୍ୟାନ ବାରିପଦା ସହରର ପ୍ରମୁଖ ସ୍ଥାନ ଶହୀଦ ସ୍ମୃତି ଭବନ ସମ୍ମୁଖରେ ପ୍ରତିଷ୍ଠା ହୋଇଥିଲା। କରୋନା ସମୟରେ ଦୁଇ ବର୍ଷ ପାର୍କ ବନ୍ଦ ହେବା ଯୋଗୁ ଅନେକ ଖେଳନା ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ଏହାକୁ ଆଖି ଆଗରେ ରଖି ପୌର ପରଷଦ ପାର୍କର ନବୀକରଣ କାର୍ଯ୍ୟ କରିଛି। ଏଥିସହିତ ରଙ୍ଗ ବେରଙ୍ଗର ଏଲ୍ଇଡି ଲାଇଟରେ ପାର୍କ ସନ୍ଧ୍ୟା ସମୟରେ ଝଲସୁଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ପୌରପାଳିକାର ସମସ୍ତ କାଉନସିଲର, ପୌରଯନ୍ତ୍ରୀ ସଚିଦାନନ୍ଦ ଶତପଥୀ, କନିଷ୍ଠ ଯନ୍ତ୍ରୀ ଯାଦବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ ସଭାପତି, କମଳା ସମ୍ପାଦକ



### ହାବିଲଦାର, କନ୍‌ଷ୍ଟେବଲ ସଂଘର ନିର୍ବାଚନ

କେନ୍ଦୁଝର,୧୩।୧୧ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହାବିଲଦାର, କନ୍‌ଷ୍ଟେବଲ ସଂଘର ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ସୋମବାର ଦିନ ସଂଘର ନୂତନ କର୍ମକର୍ତ୍ତା ଶପଥ ନେଇଛନ୍ତି। ସଂଘର ସଭାପତି ଭାବରେ ଅନୀଲ ଷେଣ୍ଢ, ଉପସଭାପତି ଭାବେ ପ୍ରବୀଣ ମହାନ୍ତ, ସମ୍ପାଦକଭାବେ କମଳାକାନ୍ତ ସେଠୀ, କୋଷାଧ୍ୟକ୍ଷଭାବେ ରାକେଶ ବାରିକ, ଯୁଗ୍ମ ସମ୍ପାଦକଭାବେ ନିହାର ରଞ୍ଜନ ସେଠୀ, ସନ୍ତୋଷ ମୁଖି, କାର୍ଯ୍ୟକାରୀ ସଦସ୍ୟ ଅନ୍ତର୍ଯ୍ୟାମୀ ନାଏକ, ମହେଶ୍ୱର ମୁଣ୍ଡା, ରାଜକିଶୋର ଜେନା, ସରୋଜ ନାୟକ, ଗିତାଞ୍ଜଳୀ ନାୟକ ନିର୍ବାଚିତ ହୋଇଛନ୍ତି। ଗତ ଶୁକ୍ରବାର ଦିନ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଥିଲା। ଜିଲାରେ ଥିବା ୮୧୩ ଜଣ ହାବିଲଦାର, କନ୍‌ଷ୍ଟେବଲ ଓ ପୋଲିସ ଡ୍ରାଇଭର ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

# ଶ୍ୟାମାକାଳୀ ପୂଜା: ଝଲସୁଛି ତିହିଡ଼ି ବଜାର

ତିହିଡ଼ି,୧୩।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ଆରମ୍ଭ ହୋଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ମଣ୍ଡପରେ ସ୍ଥାପନ କରାଯାଇ ରବିବାରଠାରୁ ପୂଜାର୍ଚ୍ଚନା କରାଯାଉଛି। ଶ୍ୟାମାକାଳୀ ପୂଜା ପାଇଁ ରଙ୍ଗିନ ଆଲୋକମାଳା ଓ ଆକର୍ଷଣୀୟ ତୋରଣରେ ତିହିଡ଼ି ବଜାର ଝଲସୁଛି। କାଳୀପଡ଼ିଆରେ ଦୋଳି, ମୀନାବଜାର ପିଲାଙ୍କ ପାଇଁ ଆକର୍ଷଣ ପାଲଟିଥିବା ବେଳେ ବିଭନ୍ନ ପ୍ରକାର ଦୋକାନ ଖୋଲିଛି। ଚଳିତବର୍ଷ ୭୮ ବର୍ଷରେ ପୂଜା ପଦାର୍ପଣ କରିଛି। କମିଟି ସଭାପତି ବୀରେନ୍ଦ୍ର ନାୟକ, ସମ୍ପାଦକ ବୃନ୍ଦାବନ ଜେନା, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ଦାସ, ସଦସ୍ୟ ଅମର ଜେନା, ଧୀରେନ୍ଦ୍ର ସାହୁ, ପ୍ରତାପ ଜେନା, ଗିରିଜାରମଣ ଜେନା, ଅଶୋକ ଜେନା, ପ୍ରଭାତ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।



ତିହିଡ଼ିରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

ସେହିପରି ଦୀର୍ଘ ୪ଶହ ବର୍ଷ ଧରି ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମରେ ପୂଜା ପାଉଥିବା ମା' ଦକ୍ଷିଣେଶ୍ୱର କାଳୀଙ୍କ ନିକଟରେ ଅମାବାସ୍ୟା ତିଥିରେ ଚଳିତବର୍ଷ ୧୨ଟି ବୋଦା ସମର୍ପଣ କରାଯାଇଛି। ପୂର୍ବରୁ ସେଠାରେ ବଳି ପରମ୍ପରା ଥିବାବେଳେ ଗତ ୩ବର୍ଷ ହେଲା ବଳିକୁ ବନ୍ଦ କରାଯାଇଛି। ମାନସିକଧାରୀମାନେ କେବଳ ମା'ଙ୍କ ନିକଟରେ ବୋଦା ସମର୍ପଣ କରୁଛନ୍ତି। ତତ୍କାଳୀନ ଜମିଦାର ଚୌଧୁରୀ ଅଭିମନ୍ୟୁ ସାମନ୍ତ ମହାପାତ୍ର ଯାଜପୁରରୁ ଆଣି କାଳିମେଘାରେ ମା'ଙ୍କ ପୂଜା ଆରମ୍ଭ କରିଥିବା କୁହାଯାଏ। ଏପରିକି ମା'ଙ୍କ ମେଘବର୍ଣ୍ଣର ରୂପକାନ୍ତି ପାଇଁ ଗ୍ରାମର ନାଁ କାଳିମେଘା ରଖାଯାଇଛି। ଏଥର କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ଫାଲ୍‌ଗୁନ ମହାପାତ୍ର ଓ ସଞ୍ଜୟ ମହାପାତ୍ର ସହଯୋଗ କରୁଛନ୍ତି। ସୁରେନ୍ଦ୍ର ସାହୁ, ସୁମନ୍ତ ମହାନ୍ତି, ସୁଜିତ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାନ୍ତି, ରତିକାନ୍ତ ସାହୁ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଛନ୍ତି। ଅନୁରୂପ ଭାବେ ୧୯୪୯ଠାରୁ ପୀରହାଟରେ ଆରମ୍ଭ ହୋଇଥିବା କାଳୀପୂଜା ଚଳିତବର୍ଷ ଆଡ଼ମ୍ବରରେ ପାଳନ କରାଯାଉଛି।

**ଦୀପାବଳିରେ ଅଗ୍ନିକାଣ୍ଡ, ଜଳିଗଲା ୨ ବଖରା**

ରୂପସା(ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢ଼ୀ)-ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ବାଉଁଶବଣି ଗ୍ରାମରେ ରବିବାର ଦୀପାବଳି ପର୍ବରେ ତ୍ରିଲୋଚନ ଦାସଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ତ୍ରିଲୋଚନଙ୍କ ପରିବାର ଲୋକେ ଘରେ ନ ଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରର ଆସବାବପତ୍ର, ବାସନକୁସନ, ଲୁଗାପଟା, ଧାନଚାଉଳ ଆଦି ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଦୀପାବଳି ଯୋଗୁ ଘରେ ବାଣ ନିଆଁ ଲାଗି ଏଭଳି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ସୋମବାର ସାହାଡ଼ା ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ ଜାରି ରଖିଛନ୍ତି।

## ଭଦ୍ରକ କାଳୀପୂଜା
# ଆରମ୍ଭରୁ ଜମିଲାଣି

ଭଦ୍ରକ, ୧୩।୧୧(ସନାତନ ରାଉତ)


ପିଡବ୍ଲ୍ୟୁଆଇ ପୂଜା ମଣ୍ଡପ।


ପଥରଆଡ଼ି ପୂଜା ମଣ୍ଡପ ତୋରଣ।

ପ୍ରସିଦ୍ଧ କାଳୀପୂଜା ପାଇଁ ଭଦ୍ରକର ପରିଚୟ ନିଆରା। ଚରମ୍ପାଠାରେ ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀଙ୍କ ଘରୋଇ ପୂଜା ଏବେ ଗଣପର୍ବର ରୂପ ନେଇଛି। ଚରମ୍ପାର ପିଡବ୍ଲୁଆଇ କମିଟି ସମେତ ମୁଖ୍ୟ ପୂଜା କମିଟିଗୁଡ଼ିକ ପକ୍ଷରୁ ଏଥର ଶହେ ବର୍ଷ ପାଳନ କରାଯାଉଛି। ଭଦ୍ରକ ସହର ଉତ୍ସବମୁଖର ହୋଇଥିବା ବେଳେ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ରବିବାର ଦୀପାବଳିଠାରୁ ଆରମ୍ଭ ହୋଇଥିବା ବେଳେ ଏବେଠାରୁ ପୂଜା ଜମିଲାଣି। ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଚରମ୍ପା ବଜାରର ସ୍କୁଲ ରୋଡ୍ ପୂଜା କମିଟି ପକ୍ଷରୁ ଆର୍‌ସିବିଏଲ୍ ସ୍କୁଲ ପରିସର, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ପିଡବ୍ଲ୍ୟୁଆଇ, ଡଗରାସାହି, ପଥରଆଡ଼ି କାଳୀପୂଜା କମିଟି, କାଉଡ଼ିଆ ସଂଘ କାଳୀପୂଜା କମିଟି ୮ଟି ମଣ୍ଡପ ଓ ଭଦ୍ରକ ସହରର ରାଜଘାଟ ପୋଲ ନିକଟରେ ମା' କାଳୀ ପୂଜା ପାଉଛନ୍ତି। ପିଡବ୍ଲ୍ୟୁଆଇ ଓ ପଥରଆଡ଼ି ମଣ୍ଡପରେ ସୁଉଚ୍ଚ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ୭ ଦିନ ଧରି ପୂଜା ଚାଲିବ। ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଏଠାରେ ପସରା ମେଲାଇଛନ୍ତି। ମୀନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ଲୋକଙ୍କୁ ମେଳାକୁ ଟାଣି ଆଣୁଛି। ବିଭିନ୍ନ ଘରକରଣା ଜିନିଷ ଓ ମନୋହରି ଦୋକାନରେ ଲୋକଙ୍କ ଗହଳି ଲାଗୁଛି।

### ବାରୁଆଳିରେ ସଚେତନତା ଓ ପୌରାଣିକ କିମ୍ବଦନ୍ତୀ

ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ କିମ୍ବଦନ୍ତୀକୁ ନେଇ ବାରୁଆଳି ନିର୍ମାଣ କରାଯାଇଛି। କେତେକ ମଣ୍ଡପରେ ବାରୁଆଳିରେ ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଛି। ପିଡବ୍ଲ୍ୟୁଆଇ ମଣ୍ଡପରେ ଦ୍ରୌପଦୀ ସ୍ୱୟଂମ୍ବର ଓ ବେଲଗଛର ଉପକାରିତା ନେଇ ପାର୍ଶ୍ୱମୂର୍ତ୍ତିରେ ଦର୍ଶାଯାଇଛି। ସ୍କୁଲରୋଡ୍ ପୂଜା ମଣ୍ଡପରେ ମହିଳା ସରପଞ୍ଚଙ୍କ ରାଜନୈତିକ କ୍ଷମତା, ବୃଦ୍ଧା ବୟସରେ ଭତ୍ତା ନ ମିଳିବା, ଭୋଟର କାର୍ଡରେ ନାଁ ନ ଥିବା ଆଦି ରାଜନୈତିକ ସ୍ଥିତିକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି।

### ଆଲୋକମାଳାରେ ଝଲସୁଛି ଚରମ୍ପା ବଜାର

ଡାହାଣୀଗଡ଼ିଆ ହିରୋ ଶୋ'ରୁମ୍‌ଠାରୁ ଦମକଳ ଅଫିସ ଓ ହାଇସ୍କୁଲ ରୋଡ୍‌ଠାରୁ ଚରମ୍ପା ରେଳଷ୍ଟେଶନ ପର୍ଯ୍ୟନ୍ତ ରଙ୍ଗିନ ଆଲୋକମାଳାରେ ଝଲସୁଛି। ସେହିପରି ଷ୍ଟେଶନରୋଡ୍, ବିଶାଣିଖରିଦା, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ଡଗରାସାହି, ପଥରଆଡ଼ି ବଜାରର ସମସ୍ତ ଗଳିକନ୍ଦି ଆଲୋକମାଳାରେ ସୌନ୍ଦର୍ଯ୍ୟମୟ ହୋଇଛି।

**୭ ଦିନ ଚାଲିବ**

**ଶହେ ବର୍ଷ ପାଳୁଛି ପିଡବ୍ଲ୍ୟୁଆଇ କମିଟି**

### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗୁଥିବାରୁ ସନ୍ଧ୍ୟା ସମୟରେ ଛିନ୍ତାଇ, ପକେଟ୍ ମାର୍, ରୋଡ୍ ରୋମିଓମାନେ ସକ୍ରିୟ ରହିଥିବାର ପୂର୍ବରୁ ନଜିର ରହିଛି। ସେଥିପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ୨ଜଣ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୮୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୨୦ ପ୍ଲାଟୁନ ଫୋର୍ସ ନିୟୋଜିତ ଅଛନ୍ତି। ସମ୍ବେଦନଶୀଳ ସ୍ଥାନ ଓ ପ୍ରତ୍ୟେକ ପୂଜା ମଣ୍ଡପରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## କାଳୀପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼


ଗୋପବନ୍ଧୁନଗର ବ୍ଲକ କୁଆମରା ମଣ୍ଡପରେ ପୂଜା ପାଉଥିବା ମା' କାଳୀ।

କରଞ୍ଜିଆ(କବିତା ମହାନ୍ତ)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଳ), ୧୩।୧୧

ମୟୂରଭଞ୍ଜ ଜିଲା କରଞ୍ଜିଆ, ଉଦଳା, ବାଙ୍ଗିରିପୋଷି ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ କାଳୀପୂଜା ସହ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। କୁଡୁମାଳୀ ସମ୍ପ୍ରଦାୟ ତରଫରୁ ଗୋ ବନ୍ଦନା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀପାବଳିରେ ଲୋକେ ବାଣ ଫୁଟାଇ ମଜା ନେଇଥିବା ବେଳେ କାଳୀମଣ୍ଡପରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। କରଞ୍ଜିଆର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଉତ୍ସାହର ସହିତ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଉଦଳା କାଳିମନ୍ଦିରରେ ନୀତିରିତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଶେଷ ହୋଇଛି। ବଣିକ ସଂଘର କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ପୂଜ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୫ ଦିନ ଧରି ଦେବୀଙ୍କ ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ବୋଲି ସଂଘ ସଭାପତି ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି। ସେହିଭଳି ସହର ନିକଟସ୍ଥ ଶ୍ମଶାନ କାଳୀମନ୍ଦିରରେ ମଧ୍ୟ ରୀତିନୀତି ଅନୁଯାୟୀ ଦେବୀଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି।

ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ପୂଜାର୍ଚ୍ଚନା ସହ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। କଳାବାଡିଆ ପଞ୍ଚାୟତର ଜଗନ୍ନାଥଖଣ୍ଟା, ବୁଡାମାରା ରେଳୱେ ଷ୍ଟେଶନ, ଗୋଲାମୁଣ୍ଡାକଟା ପଞ୍ଚାୟତର ସିମିଳା, ଚନ୍ଦନପୁର ପଞ୍ଚାୟତର ବେଢାକୁଦର, ଭୁଆଶୁଣି, କୁସୁମବନ୍ଧରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି।

ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରାରେ ଅନୁଷ୍ଠିତ କାଳୀପୂଜା ୨୨ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟିର ସଭାପତି ସିଦ୍ଧେଶ୍ୱର ଦାଶ ଓ ସମ୍ପାଦକ ନିତ୍ୟାନନ୍ଦ ମହାନ୍ତି ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ପୁରୁଣାବାରିପଦାରେ କାଳୀପୂଜା ୩୨ ବର୍ଷରେ ପଦାର୍ପଣ କରିଛି। କମିଟିର ସଭାପତି ରାଜେଶ ପାଢୀ, ସମ୍ପାଦକ ଜଗଦୀଶ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ବରଡିହି ପଞ୍ଚାୟତର ଗଡ଼ା ଓ ଖୁଣ୍ଟାଠାରେ ମଧ୍ୟ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।

## ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା

ଢେଙ୍କିକୋଟ, ୧୩।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ କାଳୀପୂଜା କମିଟି ତରଫରୁ ରବିବାର ରାତିରୁ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି। ଭଦ୍ରକର ପୂଜକ ଶ୍ରୀକାନ୍ତ ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜା ପାଠ କରି ଚଣ୍ଡୀପାଠ କରାଯାଇଥିଲା। ପୂଜକ ମନରୋଞ୍ଜନ କର ଓ ରଣଜିତ ଦାସ ସହଯୋଗ କରୁଛନ୍ତି। ସୋମବାର ପୂର୍ବାହ୍ନ ସାଢେ ୫ ଟାରେ ମାଆଙ୍କୁ ପୂର୍ଣ୍ଣାହୁତି ଦେଇ ବିସର୍ଜନ ପରେ ମୁଖ୍ୟ ଘଟକଳସ ବିସର୍ଜନ କରାଯାଇଛି। କମିଟିର ସକ୍ରିୟ ସଦସ୍ୟ ତଥା ସଂକଳ୍ପଧାରୀ ବିଜୟ ମଣ୍ଡଳ ସଂକଳ୍ପରେ ବସିଥିଲେ। ପୂଜା ଅବସରରେ ଆନନ୍ଦପୁରର ଭଜନ ଗ୍ରୁପ ଦ୍ୱାରା ମାଆଙ୍କ ମଣ୍ଡପ ନିକଟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମିଟିର ସଭାପତି ସାର୍ତ୍ତୁକ ଗିରି, ସମ୍ପାଦକ ପଦ୍ମନ ମଲ୍ଲିକ, ସଦସ୍ୟ ରଣଜିତ ମଣ୍ଡଳ, ଜଗବନ୍ଧୁ ନାୟକ, ଦେବା ମଣ୍ଡଳ, ବିଜ୍ଞାନ ଓଝା, ସୁରେଶ ମଣ୍ଡଳ, ଖଗେଶ୍ୱର ନାୟକ, ସୁଶାନ୍ତ ମଣ୍ଡଳ, ହୃଷିକେଶ ମହାପାତ୍ର, ନିରଞ୍ଜନ ଗିରି, ଜୟକୃଷ୍ଣ ମହାପାତ୍ର ପ୍ରମୁଖ ସହଯୋଗ କରିଛନ୍ତି।



## ବେଦମାତା, ମହାକାଳୀ ବେଶରେ ଦର୍ଶନ ଦେଲେ ଭଦ୍ରକାଳୀ


ମା' ଭଦ୍ରକାଳୀ ପ୍ରଥମ ଦିନ ରବିବାର ବେଦମାତା ବେଶ, ୨ୟ ଦିନ ସୋମବାର ମହାକାଳୀ ବେଶରେ ପୂଜା ପାଇଛନ୍ତି।

ଭଦ୍ରକ,୧୩।୧୧
(ସନାତନ ରାଉତ/ରବିନାରାୟଣ ଖିଲାର)

**ସପ୍ତମାତୃକା ବେଶ**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସପ୍ତମମାତୃକା ବେଶ ଦୀପାବଳିଠାରୁ ଆରମ୍ଭ ହୋଇଛି। ରବିବାର ପ୍ରଥମ ଦିନ ବେଦମାତା ଓ ସୋମବାର ଦ୍ୱିତୀୟ ଦିବସରେ ମା' ମହାକାଳୀ ବେଶରେ ପୂଜା ପାଇଛନ୍ତି। ମା'ଙ୍କର ବେଦମାତା ବେଶ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ଧାଡ଼ି ଲାଗିଥିଲା। ବେଦମାତା ବେଶରେ ମା'ଙ୍କର ମୁଖମଣ୍ଡଳ ହଳଦୀ ବର୍ଣ୍ଣ ଥିବାବେଳେ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ ସହ ହଂସ ବାହନ ଥିଲା। ହଳଦିଆ ପାଟବସ୍ତ୍ର ପରିଧାନ ସହ ବାମ ହସ୍ତ ଯୁଗଳରେ ବେଦ ଓ କମଣ୍ଡଳୁ ଧାରଣ କରିଥିଲେ। ଦକ୍ଷିଣ ହସ୍ତ ଯୁଗଳରେ ପଦ୍ମ ଓ ଜପାମାଳି ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପୂଜା ପାଇଥିଲେ। ବେଦମାତା ବେଶ ଦର୍ଶନ କଲେ ଭକ୍ତ ଧର୍ମ ଓ ପୁଣ୍ୟ ଅର୍ଜନ କରେ ବୋଲି ବିଶ୍ୱାସ କରାଯାଏ।

ସେହିପରି ସୋମବାର ଦ୍ୱିତୀୟ ଦିବସରେ ମା' ମହାକାଳୀ ବେଶରେ ପୂଜା ପାଇଛନ୍ତି। ମା' ଭଦ୍ରକାଳୀ ପରମ ବୈଷ୍ଣବୀ। କାଳୀପୂଜା ସମୟରେ ବର୍ଷକ ମଧ୍ୟରେ ଗୋଟିଏ ଦିନ ସେ ଉଗ୍ରରୂପ ଧାରଣ କରିଥାନ୍ତି। ମା'ଙ୍କର ମୁଖମଣ୍ଡଳ ଶ୍ୟାମଳବର୍ଣ୍ଣ ଥିବାବେଳେ ନାଲି ପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ରକ୍ତଜିହ୍ୱା, ମୁଣ୍ଡମାଳିନୀ, ଖଡ୍‌ଗଧାରିଣୀ ମା' ଭଦ୍ରକାଳୀ ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୃଥିବୀ ପୃଷ୍ଠରେ ପାପର ଭାର ବଢ଼ି ଚାଲିଥିବା ବେଳେ ଭକ୍ତମାନଙ୍କ ସୁରକ୍ଷା ପାଇଁ ଓ ସତ୍ୟ, ଧର୍ମ ପଥରେ ପରିଚାଳିତ କରିବା ଲାଗି ମହାକାଳୀ ବେଶ ଧାରଣ କରିଛନ୍ତି। ରବିବାର ସକାଳ ୯ଟାରେ ସାଳନ୍ଦୀ ନଦୀର ଆହାରପଦା ଘାଟରୁ ହଜାର ହଜାର ସଂଖ୍ୟାର ମାନସିକଧାରୀ ମହିଳାମାନେ କଳସ ବୁଡ଼ାଇ ଶୋଭାଯାତ୍ରାରେ ଆସି ପୀଠରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ପୂଜକମାନଙ୍କ ଦ୍ୱାରା ଶୁଭଧିବାସ ପରେ ବିଧି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା।

## ୭୦ ବର୍ଷରେ ଖଇରା କାଳୀପୂଜା

ଖଇରା, ୧୩।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବଜାରରେ ପାଳିତ ହୋଇ ଆସୁଥବା ପୂଜା ଚଳିତବର୍ଷ ୭୦ବର୍ଷରେ ପଦାର୍ପଣ କରିଛି। ରବିବାର ରାତିରେ ଶହ ଶହ ଭକ୍ତ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମା' ଭଦ୍ରକାଳୀଙ୍କ ପୂଜା ସମ୍ପନ୍ନ ହୋଇଛି। ଯୋଗେଶ ଶତପଥି, ରବୀନ୍ଦ୍ର ଦାସ, ଦିଲୀପ କରଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇଥିଲା। ପଣ୍ଡିତ ଦ୍ୱାରିକାନାଥ ଶତପଥି ଓ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଦ୍ୱାରା ମା'ଙ୍କୁ ଆରାଧନା କରାଯାଇଥିଲା। ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି।

### ଶଙ୍ଖ ହୁଳହୁଳିରେ ମା'ଙ୍କୁ ଆରାଧନା

ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ ପ୍ରମୁଖ ଯୋଗଦେଇ ମା'ଙ୍କ ନିକଟରୁ ଆଶୀର୍ବାଦ ଗ୍ରହଣ କରିଥିଲେ। କାଳୀପୂଜା କମିଟି ସଭାପତି ରବୀନ୍ଦ୍ର ବିଶ୍ୱାଳ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ କ୍ୟାପଟେନ ରଘୁନାଥ ପାତ୍ର, ବିଷ୍ଣୁପଦ ସାହୁ, ଜିତେନ୍ଦ୍ର ରାଉତ, ପିତାମ୍ବର ନାୟକ, ଜିତେନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ଦାସ, ଜଗତନାଥ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ପୂଜା ଶୃଙ୍ଖଳାରେ ପାଳିତ ହେଉଛି।




## କାଳୀପୂଜା ପାଇଁ ଉତ୍ସବମୁଖର ପୋଡ଼ାଶୂଳ

ନୀଳଗିରି, ୧୩।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଧୀନ ପୋଡ଼ାଶୂଳଠାରେ ଚାଲିଥିବା ୫୬ବର୍ଷର ଶ୍ୟାମାକାଳୀ ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ରଙ୍ଗୀନ ଆଲୋକମାଳା ସାଜସଜ୍ଜା ସାଙ୍ଗକୁ ଝଲସୁଛି ତୋରଣ। ରୀତି, ନୀତି ଓ ପରମ୍ପରା ଅନୁସାରେ ମନ୍ଦିରରେ ମା' କାଳୀଙ୍କୁ ପୂଜା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମିତ ବାହାନଗା ଟ୍ରେନ୍ ଟ୍ରାଜେଡି, ବିଦ୍ୟୁତ ଚଳିତ କୁଞ୍ଜ ସାଙ୍ଗକୁ ପୌରାଣିକ କଥାବସ୍ତୁକୁ ନେଇ ପ୍ରସ୍ତୁତ

### ମା' କାଳୀଙ୍କ ବିଗ୍ରହ ପୂଜା ଓ ବାହାନଗା ଟ୍ରେନ୍ ଟ୍ରାଜେଡିର କୁଞ୍ଜ

କଳାପାହାଡ଼ର ତାଣ୍ଡବ, ରୁକ୍ମିଣୀ ହରଣ ଏବଂ ମା' କାଳୀଙ୍କ ଦଶ ଅବତାର ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି।

ପୋଡାଶୂଳଠାରେ ହେଉଥିବା କାଳୀପୂଜା ପ୍ରଥମବର୍ଷ ଘଟପୂଜାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା କରାଯାଇ ବିର୍ସଜନ ଦିଆଯାଇଆସୁଥିଲା। ଦୀର୍ଘ ୫୫ବର୍ଷ ପରେ ଚଳିତବର୍ଷ ସ୍ୱତନ୍ତ୍ର ମନ୍ଦିର ସହ ମା' କାଳୀ ଓ ଶିବଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜାର୍ଚ୍ଚନା ଜାରି ରହିଛି। ପୋଡ଼ାଶୂଳ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ବିଭିନ୍ନ ଛୋଟବଡ଼ ବ୍ୟବସାୟୀମାନେ ବିକ୍ରିବଟା ପାଇଁ ଜିଲା ଏବଂ ଜିଲା ବାହାରୁ ଆସି ୧୨ଦିନରୁ ଅଧିକ ଏଠାରେ ପସରା ମେଲାଇଥାନ୍ତି। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା କମିଟି ପକ୍ଷରୁ କୋଣାର୍କ ଗଣନାଟ୍ୟ ଦ୍ୱାରା ଯାତ୍ରା ପରିବେଷଣ ବ୍ୟବସ୍ଥା ରହିଛି। ପୋଡାଶୂଳ କାଳିପୂଜାରେ ଦର୍ଶକଙ୍କ ଭିଡ଼, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ ବଜାର କମିଟି ଓ କାଳୀପୂଜା କମିଟି ମିଳିତ ଭାବେ କାର୍ଯ୍ୟ କରୁଛନ୍ତି।



## ପୂଜା ଅଣ୍ଡା ଉପରେ ଗୋରୁ ଚାଲିଲେ

ପାଟଣା(ବୀର କିଶୋର ଦାଶ)/ ଚମ୍ପୁଆ(ମହେଶ୍ୱର ଦାସ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୧୩।୧୧

ଯେତେବେଳେ ସମସ୍ତେ ଆଲୋକର ପର୍ବ ଦୀପାବଳିକୁ ବାଣ ଫୁଟାଇ, ଦୀପ ଜଳାଇ ଓ ମିଠାଇ ଖୁଆଇ ଧୁମ୍‌ଧାମରେ ପାଳନ କରନ୍ତି ସେତେବେଳେ ମହାନ୍ତ ବା କୁଡୁମୀ ସମ୍ପ୍ରଦାୟର ଲୋକମାନେ ଗୋ ବନ୍ଦାଣ ପର୍ବ ବା ଗୋବର୍ଦ୍ଧନ ପର୍ବ ପାଳନ କରିଥାନ୍ତି। ଏହା ତିନି ଦିନ ଧରି ଚାଲିଥାଏ। ବିଶେଷ କରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା କୁଡୁମୀ, ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଏହି ନିଆରା ପର୍ବ ପାଳନ କରିଥାନ୍ତି। ଅମାବାସ୍ୟା ଦିନ ଅର୍ଥାତ୍ ପ୍ରଥମ ଦିନ ଗୋଠ ବା ଗୋଠାଣି ପୂଜା, ମଝି ଦିନ ଗୁହାଳ ପୂଜା ଓ ଶେଷ ଦିନ ବୁଢ଼ୀ ବାନ୍ଦନା ବା ବୁଢ଼ୀ ବନ୍ଦାଣ କରାଯାଇଥାଏ। ଏହାକୁ କୃଷି ଭିତ୍ତିକ ପର୍ବ କୁହାଯାଏ। ଚାଷ କାର୍ଯ୍ୟରେ ସହାୟତା କରୁଥିବା ଗୋରୁଙ୍କୁ ଏହି ଦିନରେ ବିଶ୍ରାମ ଦେବା ସହ ପୂଜା କରିଥାନ୍ତି। ପ୍ରତିଦିନ ସନ୍ଧ୍ୟା ଓ ଭୋରରେ ଧିଙ୍ଗୁଆନ(ନୃତ୍ୟ ପରିବେଷଣ କରୁଥିବା ଦଳ)ମାନେ ଗାଁ ଦାଣ୍ଡରେ ଦଳ ଦଳ ହୋଇ ମାଦଳ ନାଗରା ବଜାଇ ଗୀତ ନୃତ୍ୟ କରନ୍ତି। ଘରକୁ ଘର ବୁଲି ପୀଠା ଖାଇଥାନ୍ତି। କୁର୍ମାଲୀ ଭାଷାରେ


ଅଣ୍ଡା ଉପରେ ଚଢ଼ି ଗୋରୁ ଯାଇଛନ୍ତି।

'ହାତୀ ଲେଖେନ୍ ପରବ୍' ବା ହାତୀ ସଦୃଶ ସବୁଠାରୁ ବଡ଼ ପର୍ବ ବୋଲି କୁହାଯାଇଛି। କୁଡୁମୀ ବହୁଳ ବିଭିନ୍ନ ଗାଁ ଚମ୍ପୁଆ ଉପଖଣ୍ଡ ଅଧୀନ କୁଟାରିପଶି, ଷଡ଼ଙ୍ଗୀ ଓ ପାଟଣା ବ୍ଲକ୍ ଅଧୀନ କୁଣ୍ଡଳା, ବଳାଣିପଶି, ପୁଆପଶି, ଖୁଣ୍ଟାପଡ଼ା ଆଦି ଗ୍ରାମଗୁଡ଼ିକରେ ୩ ଦିନ ବ୍ୟାପୀ ଏହି ପର୍ବ ପାଳନ ହେଉଥିବା ବେଳେ ପ୍ରଥମ ଦିନ ରବିବାର ଗୋଠ ପୂଜା ହୋଇଥିଲା। ଗାଈ ଗୋଠରେ ଗ୍ରାମ ଦେହୁରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ନାମରେ ୩ ଗୋଟି ଅଣ୍ଡାକୁ ଚାଉଳ ଓ ସିନ୍ଦୂର ଦେଇ ପୂଜା କରାଯାଇଥିଲା। ଗୋଠାଣୀ ବା ଗୋରୁ ଗୋଠ ସ୍ଥାନରେ ଅଲଗା ଅଲଗା ରଖାଯାଇଥିଲା। ଗୋରୁମାଲିକମାନେ ନିଜ ଗୋରୁଙ୍କୁ ସଜାଇ ମାଦଳ, ନାଗରା ଓ ଝାଞ୍ଜ ବଜାଇ ଘଉଡ଼ାଇଥିଲେ। ସ୍ଥାପନ କରାଯାଇଥିବା ୩ ଗୋଟି ପୂଜା ଅଣ୍ଡାକୁ ଗୋରୁପଲ ମାଡ଼ିଥିଲେ। ଅନ୍ୟପକ୍ଷେ ଯେଉଁ ଗୋରୁ ବଳଦଙ୍କ ପାଦ ଚାପରେ ଫାଟିଥାଏ, ସେହି ବଳଦ ମାଲିକ ଜଣେ ଭାଗ୍ୟବାନ ବ୍ୟକ୍ତି ଭାବେ ପରିଚିତ ହୁଅନ୍ତି।

**କୁଡୁମୀ ସମ୍ପ୍ରଦାୟର ନିଆରା ପର୍ବ 'ବାନ୍ଦନା'**

**ପାରମ୍ପରିକ କୃଷି ଉପକରଣ ପୂଜା କଲେ**

ଅଣ୍ଡାମଡ଼ା କାର୍ଯ୍ୟ ପରେ ଗ୍ରାମବାସୀ ବାଦ୍ୟଯନ୍ତ୍ର ଓ ସାମ୍ପ୍ରତିକ ଗୀତର ତାଳେ ତାଳେ ନୃତ୍ୟ କରି ଅଣ୍ଡା ମାଡ଼ିଥିବା ଗୋରୁ ମାଲିକଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ମାଲିକଙ୍କ ତରଫରୁ ବିଭିନ୍ନ ଖାଦ୍ୟପେୟ ଓ ପାନୀୟ ଦେଇ ଆପ୍ୟାୟିତ କରାଯାଇଥିଲା। ଦ୍ୱିତୀୟ ଦିନ ସୋମବାର ସନ୍ଧ୍ୟାରେ କୁଡୁମୀ ସମ୍ପ୍ରଦାୟର ଘରେ ଘରେ ଗୋବର୍ଦ୍ଧନ ପୂଜା ବା ଗୁହାଳ ପୂଜା ଅନୁଷ୍ଠିତ ହୋଇଛି। ପାରମ୍ପରିକ କୃଷି ଉପକରଣ, ହଳ ଲଙ୍ଗଳ, ମଇ, ଯୁଆଳିକୁ ପୂଜା କରି ଦେହୁରୀ ୯ ଦେବଦେବୀଙ୍କୁ ୯ ପ୍ରକାର ଭୋଗ ଅର୍ପଣ କରିଥିଲେ। ଗୁହାଳ, ତୁଳସୀ ଚଉଁରା ଓ ଧାନ ଅମାର ରହୁଥିବା ଘରେ ସ୍ୱତନ୍ତ୍ର ପୂଜା କରାଯିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଅର୍ପଣ କରାଯାଇଥିଲା। ଅନ୍ତିମ ଦିନ ମଙ୍ଗଳବାର ବୁଢ଼ୀ ବାନ୍ଦନା କରାଯିବ।

